# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 14 February – 2026

---

# ସଂସଦ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ଉଭୟ ଗୃହକୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ମାର୍ଚ୍ଚ ୯ ତାରିଖରେ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ୨୮ ତାରିଖରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ସହ ଆରମ୍ଭ ହୋଇଥିଲା ।

---

# ଓଡ଼ିଶା ଆପ୍‌ର ଶୁଭାରମ୍ଭ

ରାଜ୍ୟପାଳଙ୍କ ସଚିବାଳୟ ସହ ଜନସାଧାରଣଙ୍କ ସମ୍ପର୍କକୁ ସହଜ କରିବା ଲାଗି ୱେବ ଆଧାରିତ ପ୍ଲାଟଫର୍ମ ଇ-ଲୋକଭବନ ଓଡ଼ିଶା ଆପ୍‌ର ଶୁଭାରମ୍ଭ ହୋଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଲୋକଭବନରେ ଦେଶର ପ୍ରଥମ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସାକ୍ଷାତ୍ ବ୍ୟବସ୍ଥା ଇ-ଲୋକଭବନ ଓଡ଼ିଶା ଆପ୍‌ର ଉନ୍ମୋଚନ କରିଛନ୍ତି । ଏହାଦ୍ୱାରା ଲୋକଭବନରେ ସାକ୍ଷାତ, ଅଭିଯୋଗ ଏବଂ ପରିଦର୍ଶକଙ୍କ ପ୍ରବେଶ ପରିଚାଳନା ଭଳି କାର୍ଯ୍ୟ ଏହି ଆପ୍ ଜରିଆରେ ହୋଇପାରିବ।

---

## ମୁଖ୍ୟ ଶାସନ ସଚିବ-ଅନୁଧ୍ୟାନ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପାରାଦ୍ୱୀପ ବନ୍ଦରର କାର୍ଯ୍ୟ ଓ ସମ୍ପ୍ରସାରଣ ଯୋଜନାର ଅନୁଧ୍ୟାନ କରିଛନ୍ତି । ଶ୍ରୀମତୀ ଗର୍ଗ ପ୍ରମୁଖ ଶିଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ପ୍ରଗତି ସମୀକ୍ଷା ଅବସରରେ ପାରାଦ୍ୱୀପ ବନ୍ଦରର ରେକର୍ଡ ଅଭିବୃଦ୍ଧି ରାଜ୍ୟର ଆର୍ଥିକ ବିକାଶ ଲକ୍ଷ୍ୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଛନ୍ତି । ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧ ଦଶମିକ ୫ ଟ୍ରିଲିୟନ ଡଲାର ଆର୍ଥିକ ବିକାଶ ଲକ୍ଷ୍ୟ ରହିଥିବା ଶ୍ରୀମତୀ ଗର୍ଗ କହିଛନ୍ତି ।

## ରାଜ୍ୟସ୍ତରୀୟ କର୍ମଶାଳା

ରାଜ୍ୟରେ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଜାରି ରହିଥିବା ଅଞ୍ଚଳରେ ଜିଲ୍ଲା ଖଣିଜ ପାଣ୍ଠିର ସଠିକ୍ ବିନିଯୋଗ ନେଇ ଲୋକସେବା ଭବନରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ଅନୁଷ୍ଠିତ କର୍ମଶାଳାରେ ଅଧ୍ୟକ୍ଷତା କରି ଉନ୍ନୟନ କମିଶନର ଦେଓରଞ୍ଜନ କୁମାରସିଂହ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକର ଜନସାଧାରଣଙ୍କ ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅନ୍ତର୍ଭୁକ୍ତିକରଣକୁ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି । ସଂପୃକ୍ତ ଅଞ୍ଚଳଗୁଡ଼ିକର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଶିକ୍ଷା ଭିତ୍ତିଭୂମିର ବିକାଶ ଏବଂ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯିବା ସହ ଜିଲ୍ଲା ଖଣିଜ ପାଣ୍ଠିର ନିୟମ ମୁତାବକ ଉପଯୋଗ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି ।

## ମୁଖ୍ୟ ଶାସନ ସଚିବ-ଅନୁଧ୍ୟାନ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପାରାଦ୍ୱୀପ ବନ୍ଦରର କାର୍ଯ୍ୟ ଓ ସମ୍ପ୍ରସାରଣ ଯୋଜନାର ଅନୁଧ୍ୟାନ କରିଛନ୍ତି । ଶ୍ରୀମତୀ ଗର୍ଗ ପ୍ରମୁଖ ଶିଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ପ୍ରଗତି ସମୀକ୍ଷା ଅବସରରେ ପାରାଦ୍ୱୀପ ବନ୍ଦରର ରେକର୍ଡ ଅଭିବୃଦ୍ଧି ରାଜ୍ୟର ଆର୍ଥିକ ବିକାଶ ଲକ୍ଷ୍ୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଛନ୍ତି । ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧ ଦଶମିକ ୫ ଟ୍ରିଲିୟନ ଡଲାର ଆର୍ଥିକ ବିକାଶ ଲକ୍ଷ୍ୟ ରହିଥିବା ଶ୍ରୀମତୀ ଗର୍ଗ କହିଛନ୍ତି ।

## ସେନସସ ପୋର୍ଟାଲ

୨୦୨୭ ମସିହା ଜନଗଣନା ଲାଗି ଆସନ୍ତା ଏପ୍ରିଲ ୧୬ରୁ ମଇ ୧୫ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟରେ ଜନସାଧାରଣ ସେନସସ ପୋର୍ଟାଲରେ ନିଜର ସମସ୍ତ ତଥ୍ୟ ସହଜରେ ଅପଲୋଡ କରିପାରିବେ । ଗତକାଲି ଛତ୍ରପୁରଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଓ ପ୍ରାକ୍ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଜନଗଣନା କାର୍ଯ୍ୟ ସଠିକ୍ ଭାବେ ସମ୍ପାଦନ କରିବାକୁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଜନ ଅଭିଯୋଗ ଶୁଣାଣି

ଫେବୃୟାରୀ ୧୬ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜନ ଅଭିଯୋଗ ଶୁଣାଣି ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି କୁହାଯାଇଛି ।

# ଧାନମଣ୍ଡି ପରିଦର୍ଶନ

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଡକ୍ଟର ଚିତ୍ରସେନ୍ ରାଉତ ଭଦ୍ରକ ଜିଲ୍ଲା ଗସ୍ତକରି ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଛନ୍ତି । ଜିଲ୍ଲାରେ ମୋଟ ୩୧ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟଲାଗି ଲକ୍ଷ୍ୟ ରଖାଯାଇଛି । ଧାନମଣ୍ଡିରେ ବିକ୍ରିବଟା ସମୟରେ ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେ ନେଇ ଅତିରିକ୍ତ ସଚିବ ଡକ୍ଟର ରାଉତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ସଚେତନତା କାର୍ଯ୍ୟକ୍ରମ

ଆର୍ଥିକ ସାକ୍ଷରତା ସପ୍ତାହ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଜନସାଧାରଣଙ୍କୁ ଡିଜିଟାଲ ବ୍ୟାଙ୍କିଂ, ସାଇବର ସୁରକ୍ଷା, ନିବେଶ ଓ ବୀମା ଆଦି ସମ୍ପର୍କରେ ସୂଚନା ଦିଆଯାଇଛି ।

## ସେବା ସପ୍ତାହ

ନୟାଗଡ ଜିଲ୍ଲାରେ ରାଷ୍ଟ୍ରୀୟ ପେନସନ ଯୋଜନା ସେବା ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପେନସନ ଖାତା ଖୋଲିବା, ଅଂଶଧନ ଜମା ଏବଂ ସଂଶୋଧନ ପ୍ରକ୍ରିୟା ଆଦି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

## କର୍ମଶାଳା

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାର ନୂତନ ଦୃଷ୍ଟିକୋଣ, ଗୁଣବତ୍ତା ବୃଦ୍ଧି, ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଆଦି ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା ।

## ହକି

ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍ ହକି ପ୍ରତିଯୋଗିତାର ଲିଗ୍ ମ୍ୟାଚ୍‌ରେ ବେଲ୍‌ଜିୟମ ୫-୨ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି । ଗତ ସଂଧ୍ୟାରେ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବେଲଜିୟମ ଷଷ୍ଠ ବିଜୟ ହାସଲ କରିଛି । ଆଜି ବିର୍ସାମୁଣ୍ଡା ହକି

ଷ୍ଟାଡିୟମରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଭାରତ ଏବଂ ବେଲଜିୟମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## କବାଡି

ଓଡ଼ିଶା କବାଡି ଆସୋସିଏସନ ପକ୍ଷରୁ କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଡକ୍ଟର ଶରତ କୁମାର ସାହୁ ସ୍ମାରକୀ ୭୩ତମ ରାଜ୍ୟ ସିନିୟର କବାଡି ପ୍ରତିଯୋଗିତା ଆରମ୍ଭ ହୋଇଛି । ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍‌ରେ କଟକ ୨୮ ପଏଣ୍ଟରେ ଭଦ୍ରକକୁ ପରାସ୍ତ କରିଥିବାବେଳେ ମହିଳା ବର୍ଗରେ ଓଡ଼ିଶା ପୁଲିସ ୧୦ ପଏଣ୍ଟରେ ବଲାଙ୍ଗିରକୁ ଓ କଟକ ୨୯ ପଏଣ୍ଟରେ ମୟୂରଭଞ୍ଜକୁ ପରାସ୍ତ କରିଛି ।